## ଦୁର୍ଘଟଣାରେ କକା ମୃତ, ପୁତୁରା ଗୁରୁତର

**ସୋରଡ଼ା, (ଡି.ଏନ୍.ଏ.):** ସୋରଡ଼ା ବ୍ଲକ ଅସୁରବନ୍ଧ ରାସ୍ତା ଗୋବିନ୍ଦପୁର ନିକଟରେ ସୋମବାର ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସରାବାଡି ପଞ୍ଚାୟତ ସନ୍ଧି ଗୁଣ୍ଡୁରିବାଡି ଗ୍ରାମର ରୋହିତ ନାୟକ (୩୨) ଓ ତାଙ୍କ କକା ପାଣ୍ଡା ନାୟକ (୫୦)। ଉଭୟେ ଗୋଛାରୁ ସୋରଡ଼ା ଅଭିମୁଖେ ବାଇକ୍‌ରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଦମକଳ ବାହିନୀ ରାସ୍ତା ପାର୍ଶ୍ୱରୁ ଗୁରୁତର ଅବସ୍ଥାରେ କକା ଓ ପୁତୁରାଙ୍କୁ ଉଦ୍ଧାର କରି ସୋରଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ପୁତୁରାଙ୍କୁ ବ୍ରହ୍ମପୁର ପଠାଯାଇଥିଲା। କକାଙ୍କୁ ବ୍ରହ୍ମପୁର ପଠାଇବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।



**ସଂକ୍ଷେପରେ**

## ବଡ଼ ଭାଇଙ୍କୁ ଆକ୍ରମଣ, ସାନ ଗିରଫ

**ବୁଗୁଡ଼ା, ୭।୬(ଡି.ଏନ.ଏ.):** ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କାନସୁକା ଗ୍ରାମରେ ବଡ଼ବାପା ପୁଅ ଭାଇଙ୍କୁ ପଥରରେ ଆକ୍ରମଣ ଅଭିଯୋଗରେ ପୋଲିସ ସୋମବାର ଦାଦା ପୁଅ ଭାଇଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ କାନସୁକା ଗ୍ରାମର ବୁଲୁ ନାୟକ। ଏନେଇ ବୁଗୁଡ଼ା ଥାନାରେ ନଂ. ୨୫୭/୨୧ରେ ଏକ ମାମଲା ରୁଜୁ ହୋଇଛି। କାନସୁକା ଗ୍ରାମରେ ମେ ୩୦ ତାରିଖରେ ପାରିବାରିକ କଳହକୁ ନେଇ ଟୁନା ଓ ବୁଲୁଙ୍କ ମଧ୍ୟରେ ପାଟିତୁଣ୍ଡ ସହ ମାରପିଟ ହୋଇଥିଲା। ଶେଷରେ ବୁଲୁ ଏକ ମୁନିଆ ପଥରରେ ଟୁନାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଟୁନା ଆହତ ହୋଇ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଏନେଇ ଟୁନା ବାଲିପଦର ଫାଣ୍ଡିରେ ଅଭିଯୋଗ କରିଥିଲେ।

## ବିଜେଡି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

**ଗୋଷାଣୀ, ୭।୬ :** ପାରଳାଖେମୁଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ (ଗୋଷାଣୀ) ପରିସରରେ ସୋମବାର ବିଜେଡି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ କିଶୋର ଚନ୍ଦ୍ର ଦାସ, ଅତିଥି ଭାବେ ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ହୋତା ଉପସ୍ଥିତ ଥିଲେ। ସେହିପରି ଜିଲା ବିଜେଡି ଯୁବ ସଭାପତି ଏସ୍. ଲିଙ୍ଗରାଜୁ, ଏମ୍‌ପି ପ୍ରତିନିଧି ବାଲା ଧନଞ୍ଜୟ, ବ୍ଲକ ବିଜେଡି ସଭାପତି ଏସ୍. ଈଶ୍ୱର ରାଓ, ବିଜେଡି ବ୍ଲକ ଯୁବ ସଭାପତି ପି. ନାଗେଶ୍ୱର, ପୂର୍ବତନ ଜିଲା ପରିଷଦ ଚେୟାରମ୍ୟାନ ୱାଇ. ରାମଚନ୍ଦ୍ର ରାଓ, ପୂର୍ବତନ ସରପଞ୍ଚ ଏନ. ବାବୁରାଓ, ଏନ୍. ବୋଷା, ସିଏଚ ପ୍ରସାଦ, କେ. ସାଞ୍ଜିବୁ କୁମାର, ସନ୍ତୋଷ ଜେନା, ମୁରଲୀ ଦଳେଇ ପ୍ରମୁଖ ଉପସ୍ଥିତ ରହି ବ୍ଲକ ପରିସରରେ ଚାରାରୋପଣ କରିଥିଲେ।

## ୧୮ରୁ ୪୪ ବର୍ଗଙ୍କ ଟିକାକରଣ ଆରମ୍ଭ

**ପାରଳାଖେମୁଣ୍ଡି,୭।୬(ଡି.ଏନ୍.ଏ.):** ଗଜପତି ଜିଲାରେ ସୋମବାରରୁ ୧୮ରୁ ୪୪ବର୍ଷ ବ୍ୟକ୍ତିଙ୍କ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ଅନଲାଇନରେ ପଞ୍ଜିକରଣ କରିବା ଜରୁରି। ନଚେତ ଟିକା ମିଳିବ ନାହିଁ। ଏନେଇ ଗତ ରବିବାରରୁ ଲୋକମାନେ ଅନଲାଇନରେ ନାମ ପଞ୍ଜିକରଣ କରିଥିବା ବେଳେ ସୋମବାର ସକାଳୁ ବିଭିନ୍ନ ଟିକାକରଣ କେନ୍ଦ୍ରରେ ଯୁବଗୋଷ୍ଠୀ ଟିକା ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜିଲାକୁ ୪ହଜାର ୫ଶହ ଟିକା ଆସିଛି । ଫଳରେ ପାରଳାଖେମୁଣ୍ଡି ପୌରାଞ୍ଚଳର ୮ଟି ସ୍ଥାନରେ ଟିକା ପ୍ରଦାନ କରାଯାଉଛି। ୧୫୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଟିକା ନେଇଥିବା ସୂଚନା ମିଳିଛି। ଗଜପତି ଜିଲାପାଳ ଅନୁପମ ଶାହା ବିଭିନ୍ନ ଟିକା କେନ୍ଦ୍ରକୁ ବୁଲି ସ୍ଥିତି ଅନୁଧାନ କରିବା ସହ ଯେଭଳି ଶାନ୍ତିଶୃଙ୍ଖଳାର ସହ ଟିକାକରଣ ହେବ ସେ ନେଇ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧୀକାରୀ ପିକେ ପାତ୍ର ଏବଂ ପୌରପରିଷଦର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ପ୍ରମୁଖ ବିଭିନ୍ନ ଟିକକାରଣ କେନ୍ଦ୍ର ବୁଲି ସ୍ଥିତି ଅନୁଧାନ କରିଛନ୍ତି।

## ବଜ୍ରପାତରେ ମଇଁଷି ଚରାଳି ମୃତ

**ଦିଗପହଣ୍ଡି,୭।୬(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଜକର ଗ୍ରାମରେ ସୋମବାର ବଜ୍ରପାତ ହେବାରୁ ମଇଁଷି ଚରାଳି ରମେଶ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ଛେଳି ଚରାଳି ଉଷା କନ୍ୟାରୀ ଏବଂ ସବିତା କନ୍ୟାରୀ ଗୁରୁତର ହୋଇଛନ୍ତି। ରମେଶ ଗାଁ ନିକଟ ପୋଖରୀ ହିଡିରେ ମଇଁଷି ପଲ ନେଇ ଚରାଉ ଥିବା ବେଳେ ଘୂର୍ଣ୍ଣିଝଡ଼ ହେବା ସହ ବର୍ଷା ପବନ ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ନିମନ୍ତେ ନିକଟସ୍ଥ ଏକ ଗଛ ତଳେ ସେ ଏବଂ କିଛି ଦୂରରେ ଛେଳି ଚାରାଳି ମହିଳାମାନେ ଆଶ୍ରୟ ନେଇଥିବା ବେଳେ ସେଠାରେ ବଜ୍ରପାତ ହୋଇଥିଲା। ସମସ୍ତେ ଚେତା ଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିଲେ। ଆହାତ ୨ ମହିଳାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଉଭୟେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡିଛି। କେ. ନୂଆଗାଁ ପୋଲିସ ପହଞ୍ଚି ଅପମୃତ୍ୟୁ ମାମଲା ନଂ.୬/୨୧ ଅନୁଯାୟୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ରମେଶଙ୍କ ପରିବାର ଲୋକଙ୍କୁ ସହାୟତା ପାଇଁ ଦାବି ହୋଇଛି।

# ଗଞ୍ଜାମରେ କାର୍ଯ୍ୟକ୍ଷମ ହେବ ୧୩୩ ମଡେଲ ସ୍କୁଲ

## ରାଜ୍ୟର ପ୍ରଥମ ହାଇସ୍କୁଲ ଇ-ଲାଇବ୍ରେରି ପ୍ରସ୍ତୁତ

**ଛତ୍ରପୁର,୭।୬(ଡି.ଏନ.ଏ)**


ହାଇସ୍କୁଲ ଇ-ଲାଇବ୍ରେରି କମ ରିଡିଂ ରୁମ।

ମୋ ସ୍କୁଲ ଅଭିଯାନକୁ ସଫଳ କାର୍ଯ୍ୟକାରୀ କରିବାରେ ଗଞ୍ଜାମ ଜିଲ୍ଲା ରାଜ୍ୟରେ ଆଉ ଏକ ପାଦ ଆଗେଇଛି । ଜିଲାର ସ୍କୁଲ କ୍ୟାମ୍ପସ ବଦଳିବାରେ ଲାଗିଲାଣି। ୫-ଟି ହାଇସ୍କୁଲ ଟ୍ରାନ୍ସଫର୍ମେସନ ଅନ୍ତର୍ଗତ ବିଦ୍ୟାଳୟ ପରିସର ଏବେ ଆନନ୍ଦମୟ ଶିକ୍ଷା କେନ୍ଦ୍ର ପାଲଟିବାକୁ ଯାଉଛି। ଜିଲାରେ ୧୧୧ଟି ହାଇସ୍କୁଲ ଓ ପ୍ରତି ବ୍ଲକରେ ଥିବା ଗୋଟିଏ ଲେଖାଏ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏପରି ମୋଟ ୧୩୩ଟି ସ୍କୁଲକୁ ମଡେଲ ସ୍କୁଲରେ ପରିଣତ କରାଯିବା ପ୍ରକ୍ରିୟା ଜୋରଦାର ଚାଲିଛି। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ମଡେଲ ସ୍କୁଲ ବିଧିବଦ୍ଧ କାର୍ଯ୍ୟାରମ୍ଭ କରିବ ବୋଲି ରାଜ୍ୟ ସରକାର ଧାର୍ଯ୍ୟ କରିଛନ୍ତି। ଧାର୍ଯ୍ୟ ସମୟ ପାଖେଇ ଆସୁଥିବାରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରତି ସପ୍ତାହରେ ଏହାର ସମୀକ୍ଷା କରୁଛନ୍ତି। ଶେରଗଡ଼ ବ୍ଲକ କରଡ଼କଣା ସରକାରୀ ଉଚ୍ଚବିଦ୍ୟାଳୟରେ ଏବେ ରାଜ୍ୟର ପ୍ରଥମ ହାଇସ୍କୁଲ ଇ-ଲାଇବ୍ରେରୀ କମ ରିଡିଂ ରୁମ ପ୍ରସ୍ତୁତ ହୋଇଛି। ଏ ସମ୍ପର୍କରେ ଜିଲାପାଳ ଟୁଇଟ କରି ସୂଚନା ଦେଇଛନ୍ତି। ଗୋଷ୍ଠୀଗତ ସମ୍ପୃକ୍ତି ଜରିଆରେ ଶିକ୍ଷାନୁଷ୍ଠାନ ପରିବେଶରେ କିଭଳି ଆମୁଳଚୂଳ ପରିବର୍ତ୍ତନ ଆଣିହେବ ତାହା ଏଠାରେ ଦେଖିବାକୁ ମିଳିଛି। ‘ମୋ ସ୍କୁଲ’ ଯୋଜନାରେ ଗୋଷ୍ଠୀ ସମ୍ପୃକ୍ତକୁ ଗୁରୁତ୍ୱ ଦିଆଯାଉଛି। ଅଭିଭାବକ, ପୁରାତନ ବିଦ୍ୟାର୍ଥୀମାନେ ବିଭିନ୍ନ ପାଠ୍ୟ ଓ ଅନ୍ୟ ପୁସ୍ତକ ଦାନ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ନିୟମିତ ଏହାର ତଦାରଖ କରିବେ। ସେହିପରି ଭଞ୍ଜନଗର ବ୍ଲକ ଭେଜିପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୂପ ବଦଳିଛି। ଏଠାର ପୁରାତନ ଛାତ୍ର ଦିଲୀପ କୁମାର ଜେନା ମୋ ସ୍କୁଲ ଅଭିଯାନରେ ଯୋଡ଼ି ହୋଇ ପିଲାଙ୍କ ବସିବା ସକାଶେ ଚେୟାର ଟେବୁଲ ବ୍ୟବସ୍ଥା କରିବାକୁ ୩୦ ହଜାର ଟଙ୍କା ଦେଇଛନ୍ତି। ମୋ ସ୍କୁଲ ଯୋଜନାରେ ପୁରାତନ ଛାତ୍ରଛାତ୍ରୀ ଯେତିକି ଅନୁଦାନ ଦେଉଛନ୍ତି ରାଜ୍ୟ ସରକାର ମଧ୍ୟ ସେତିକି ଅର୍ଥ ଦେଇ ସ୍କୁଲର ବିକାଶକୁ ଆଗେଇ ନେଉଛନ୍ତି। ପ୍ରତି ମଡେଲ ହାଇସ୍କୁଲ ପାଇଁ ପ୍ରାୟ ୫୦ରୁ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପୁରାତନ ଛାତ୍ର, ଅଭିଭାବକଙ୍କ ମୋ ସ୍କୁଲକୁ ଅନୁଦାନ ସାଙ୍ଗକୁ ଗ୍ରାମ ପଞ୍ଚାୟତ ଉନ୍ନୟନ ପାଣ୍ଠି, ଜିଲ୍ଲାର ବିଭିନ୍ନ ଶିଳ୍ପ ସଂସ୍ଥାର ସିଏସଆର୍ ଫଣ୍ଡ ଅନୁଦାନକୁ ବିନିଯୋଗ କରାଯାଉଛି। ଏଣିକି ପିଲାଏ ସ୍ମାର୍ଟ / ଡିଜିଟାଲ କ୍ଲାସ ରୁମରେ ଯୁଗପଯୋଗୀ ଶିକ୍ଷା ପଢ଼ିବେ। ‘ମଧୁ’ ଓ ‘ଦୀକ୍ଷା’ ଭଳି ଆପ ପିଲାଙ୍କୁ ଡିଜିଟାଲ ପାଠପଢ଼ାରେ ସହାୟକ ହେବ। ଗ୍ରନ୍ଥାଗାରରେ ବହି, ପତ୍ରିକା, ଖବରକାଗଜ ସାଙ୍ଗକୁ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ ସଂଯୋଗ ଥିବା କମ୍ପ୍ୟୁଟର୍ ଯେଉଁଠି ପିଲାଏ ଇ-ଲାଇବ୍ରେରୀ ଜରିଆରେ ଦେଶ ବିଦେଶରୁ ଜ୍ଞାନ ଆହରଣ କରିପାରିବେ। ଆଧୁନିକ ବିଜ୍ଞାନାଗାର, ସୁନ୍ଦର ଓ ସ୍ୱଚ୍ଛ ଶୌଚାଳୟ, ଉନ୍ନତ କ୍ରୀଡ଼ାଙ୍ଗନରେ ବିଭିନ୍ନ ଖେଳକୁଦର ସୁବିଧା ଛାତ୍ରଛାତ୍ରୀ ପାଇବେ ବୋଲି ଜଣାପଡ଼ିଛି।

## କୂଅରେ ପଡ଼ି ଅଣ୍ଡିରା କୃଷ୍ଣସାର ମୃଗ ମୃତ

**ଆସିକା,୭।୬(ଡି.ଏନ.ଏ.)**


କୂଅରେ ପଡ଼ିଥିବା କୃଷ୍ଣସାର ମୃଗ।

ଆସିକା ବନାଞ୍ଚଳର ଚାରିମଇଲି ସିଦ୍ଧନୟୀ ରାସ୍ତାପାର୍ଶ୍ୱ ଜଗତିପଡିଆ ଠାରେ ଏକ ପରିତ୍ୟକ୍ତ କୂଅରେ ପଡି ଅଣ୍ଡିରା କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି। ସାଢେ ୩ ଫୁଟ ଲମ୍ବା ଓ ଅଢେଇ ଫୁଟ ଉଚ୍ଚ ଏହି କୃଷ୍ଣସାରର ବୟସ ପ୍ରାୟ ୮ରୁ ୧୦ ବର୍ଷ ମଧ୍ୟରେ ହେବ। ଏହାର ୧୫ ଇଞ୍ଚରୁ ଉର୍ଦ୍ଧ୍ୱ ଶିଙ୍ଗ ମଧ୍ୟ ରହିଛି । ବନ କର୍ମଚାରୀମାନେ କୂଅରୁ ମୃତ କୃଷ୍ଣସାରକୁ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପରେ ତାହାକୁ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁ କହିଛନ୍ତି।

କୂଅ ଆଖପାଖରେ କୃଷ୍ଣସାରଙ୍କ ପାଦଚିହ୍ନ ପଡ଼ିଛି। ତେଣୁ ଅଣ୍ଡିରା କୃଷ୍ଣସାରଟି ଗୋଟିଏ ଦଳରେ ଆସୁଥିବା ବେଳେ ଲମ୍ଫ ମାରିବା ବେଳେ କୂଅରେ ପଡିଯାଇଥିବା ବନ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଚାରିମଇଲିସ୍ଥିତ ଗଡଗଡିଆ ପାହାଡ ପାଦଦେଶରୁ ସିଦ୍ଧନୟୀ ଅଞ୍ଚଳ ମଧ୍ୟରେ କୃଷ୍ଣସାରଙ୍କ ବହୁଳ ବସତି ରହିଛି। ବିଶେଷ କରି ଜଗତିପଡିଆ ଠାରେ ସଂଖ୍ୟାଧିକ କୃଷ୍ଣସାର ଚଳପ୍ରଚଳ କରନ୍ତି। ତେବେ ଗତ କିଛିମାସ ହେଲା ଜଗତିପଡିଆ ଅଞ୍ଚଳରେ କେତେକ ଘରୋଇ ଚାଷଜମିକୁ ଜଣେ ବ୍ୟକ୍ତି କିଣିନେଇ ତାରବାଡ କରିଥିବାରୁ କୃଷ୍ଣସାରଙ୍କ ଅବାଧ ବିଚରଣରେ ବାଧକ ସୃଷ୍ଟି ହୋଇଥିବା କୃଷ୍ଣସାର ସୁରକ୍ଷା ସମିତିର ସଭାପତି ଅମୂଲ୍ୟ କୁମାର ଉପାଧ୍ୟାୟ ଅଭିଯୋଗ କରିଛନ୍ତି।

## ଅବକାରୀ କାର୍ଯ୍ୟାଳୟ କୋଠା ଉଦ୍‌ଘାଟିତ


ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

**ଆସିକା,୭।୬(ଡି.ଏନ.ଏ.)**

ଆସିକା ସହର ଉପକଣ୍ଠ କାଳଷଣ୍ଢପୁର ଗ୍ରାମରେ ସୋମବାର ଅବକାରୀ ବିଭାଗର ନିଜସ୍ୱ କାର୍ଯ୍ୟାଳୟ କୋଠା ଉଦଘାଟିତ ହୋଇଛି। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି, ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ସମ୍ମାନିତ ଅତିଥି ଓ ଜିଲା ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର କୁମାର ଭାତ୍ରା ଅନ୍ୟତମ ଅତିଥି ରୂପେ ଯୋଗଦେଇଥିଲେ । ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ନୂତନ କୋଠାରେ ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସହ ଅବକାରୀ ଥାନା ମଧ୍ୟ ରହିଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଆସିକା ଅବକାରୀ ନିରୀକ୍ଷକ ଧିରେନ କୁମାର ବେହେରା ସଂଯୋଜନା କରିଥିଲେ। ଅବକାରୀ ଉପ ଅଧୀକ୍ଷକ ଅଭିରାମ ହେହୋରା, ଉପନିରୀକ୍ଷକ ପ୍ରଦୀପ କୁମାର ମହାନ୍ତି, ଯୁବନେତା ନଚିକେତା ସ୍ୱାଇଁ, ସରପଞ୍ଚ ଧନମାଳି ସିୟ, ଭଗବାନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

# ଓଡ଼ିଶା ଜାଗାରେ ପୋଖରୀ ଖୋଳୁଛି ଆନ୍ଧ୍ର

**ପାରଳାଖେମୁଣ୍ଡି, ୭।୬(ଡି.ଏନ୍.ଏ.)**


ପୋଖରୀ ଖୋଳା ଚାଲିଛି।

ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ ପଞ୍ଚାୟତ ଚମ୍ପାପୁର ଗାଁ ନିକଟରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏକ ପୋଖରୀ ଖନନ କାମ ଚାଲିଛି। ଖନନ ହେଉଥିବା ସ୍ଥାନଟି ଓଡ଼ିଶାର ହୋଇଥିଲେ ମଧ୍ୟ ଆନ୍ଧ୍ର ସରକାର ଜୋରଜବରଦସ୍ତ କାମ ଜାରି ରଖିଛି । ଏ ନେଇ ସ୍ଥାନୀୟ ଲୋକେ ବିରୋଧ କରି ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି।

ଆନ୍ଧ୍ର ସୀମାକୁ ଲାଗି ରହିଛି ଗଙ୍ଗାବାଡ ପଞ୍ଚାୟତ। ଏହି ପଞ୍ଚାୟତର ବିଭିନ୍ନ ଗାଁରେ ଆନ୍ଧ୍ର ସରକାର ଅନେକ ଜନହିତକର କାମ କରିବା ସହ ଏଠାକାର ଲୋକଙ୍କୁ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ସାମିଲ କରି ପ୍ରଲୋଭିତ କରୁଛି। ବର୍ତ୍ତମାନ ଚମ୍ପାପୁର ନିକଟରେ ଆନ୍ଧ୍ରର ମଞ୍ଜୁଷା ମଣ୍ଡଳ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ପୋଖରୀ ଖନନ କାମ ଆନ୍ଧ୍ରର ଲୋକଙ୍କ ସହ ଗଙ୍ଗାବାଡ଼ ଅଞ୍ଚଳର ଲୋକେ ମଧ୍ୟ ସାମିଲ ହୋଇଛନ୍ତି। କାରଣ ସେମାନଙ୍କୁ ମଧ୍ୟ ଆନ୍ଧ୍ର ସରକାର ଜବକାର୍ଡ ଯୋଗାଇ ଦେଇଛନ୍ତି। ତେବେ ଖନନ ହେଉଥିବା ସ୍ଥାନଟି ଓଡିଶାର ହୋଇଥିଲେ ମଧ୍ୟ ଆନ୍ଧ୍ର ସେଠାରେ ପୋଖରୀ ଖୋଳା ଜାରି ରଖିଛି । ଓଡିଶାର ଲୋକେ ଏହି ସ୍ଥାନକୁ ନିଜର ବୋଲି କହୁଥିବା ବେଳେ ଆନ୍ଧ୍ରର ଲୋକେ ମଧ୍ୟ ଏହାକୁ ନିଜର ବୋଲି କହୁଛନ୍ତି । ତେଣୁ ଏଠାରେ ଏକ ପ୍ରକାର ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି। ଏଭଳି ସ୍ଥିତିରେ ବର୍ତ୍ତମାନ ସୁଦ୍ଧା ଜିଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଶୀଘ୍ର ଏହାର ତଦନ୍ତ କରାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ଅନୁପମ ଶାହା କହିଛନ୍ତି ।

## ଗୋଇବନ୍ଧା ଡ୍ୟାମ୍‌ରେ ବୁଡ଼ି ଯୁବକ ମୃତ

**ବାଲିଗୁଡା,୭।୬(ଡି.ଏନ.ଏ.)**

ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ଦଣ୍ଡପଦର ଗ୍ରାମରେ ଥିବା ଗୋଇବନ୍ଧା ଡ୍ୟାମ୍‌ରେ ବୁଡ଼ି ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାତ୍ର ସାହି ରବି ଚନ୍ଦ୍ର ପାତ୍ରଙ୍କ ପୁଅ ରୂପେଶ (୨୩)। ରୂପେଶ କେତେଜଣ ଯୁବକଙ୍କ ସହ ସାଙ୍ଗହୋଇ ଗୋଇବନ୍ଧା ଡ୍ୟାମ୍‌କୁ ଭୋଜି କରିବାକୁ ଯାଇଥିଲେ। ସେଠାରେ ରୂପେଶ ଗାଧୋଉଥିବା ବେଳେ ଡ୍ୟାମ୍ ପାଣିରେ ବୁଡ଼ି ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଯୁବକଙ୍କୁ ପାଣିରୁ ବାହାର କରି ବାଲିଗୁଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଗୁଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି।

## ନାବାଳିକାଙ୍କୁ ଅସଦାଚରଣ ମାମଲା, ଜଣେ କୋର୍ଟଚାଲାଣ

**ଗୋପାଳପୁର,୭।୬**

ଜନୈକା ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଗୋପାଳପୁର ପୋଲିସ୍ ସୋମବାର ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଗୋପାଳପୁର ଥାନା ଅଞ୍ଚଳର ରାଜେନ୍ଦ୍ର ମହାପାତ୍ର (୨୩)। ଉକ୍ତ ଥାନା ଅଞ୍ଚଳର ନାବାଳିକା ରବିବାର ସନ୍ଧ୍ୟାରେ ପାଣି ଆଣିବାକୁ ଯାଉଥିବା ବେଳେ ରାଜେନ୍ଦ୍ର ତାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ କରିଥିଲା। ଏ ସମ୍ପର୍କରେ ଝିଅର ମା’ ପଚାରିବାରୁ ତାଙ୍କୁ ମାରପିଟ୍ କରିଥିଲେ। ଏ ନେଇ ନାବାଳିକା ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୋଲିସ୍ ଅଭିଯୁକ୍ତକୁ ଗିରଫ କରି ତଦନ୍ତ ଚଳାଇଥିଲା। ଝିଅର ବୟାନ ରେକର୍ଡ ପରେ ପୋଲିସ ନଂ. ୮୪/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନାଧିକାରୀ ମାଧବାନନ୍ଦ ନାୟକ ସୂଚନା ଦେଇଛନ୍ତି।

## ଚିକିତ୍ସାରେ ଅବହେଳା ନେଇ ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା


ସ୍ୱାସ୍ଥ୍ୟକର୍ମୀ ଧାରଣାରେ ବସିଛନ୍ତି।

**ପାତ୍ରପୁର, ୭।୬(ଡି.ଏନ.ଏ.)**

ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କୁ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ଆସିଛି। ଏ ନେଇ ସୋମବାର ସ୍ୱାସ୍ଥ୍ୟକର୍ମୀ ନ୍ୟାୟ ପ୍ରଦାନ ଦାବିରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣ ଦେଇଥିଲେ। ଗୁଡିପଦର ଉପକେନ୍ଦ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମୀ ଏସ୍. କିଶୋର କୁମାର ପଟ୍ଟନାୟକଙ୍କ କହିବା ମୁତାବକ, ସେ ଅସୁସ୍ଥ ଥିବା ନେଇ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ସ୍ୱାସ୍ଥ୍ୟ ଅଧିକାରୀ ତାଙ୍କର କୌଣସି ଦାୟିତ୍ୱ ନ ନେଇ କିଶୋରଙ୍କୁ ବ୍ରହ୍ମପୁର ଏମ୍‌କେସିଜି ଯିବା ପାଇଁ କହିଥିଲେ। କିଶୋରଙ୍କ ମା’ ପୁଅ ଅସୁସ୍ଥ ଅଛି ବୋଲି ସମ୍ପୃକ୍ତ ଡାକ୍ତରଙ୍କୁ ଫୋନ ଯୋଗେ କହିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଅନ୍ୟପଟେ କିଶୋର ନିଜର ଚିକିତ୍ସା ଲାଗି ସମ୍ପୃକ୍ତ ଡାକ୍ତରଙ୍କୁ ପଇସା ମାଗିଥିଲେ। ହେଲେ ସେ କିଶୋରଙ୍କୁ ଗାଳି ଦେବା ଓ ଦରମା ହୋଇ ନ ଥିବାରୁ ପଇସା ଦେଇ ନ ଥିଲେ। ଫଳରେ କିଶୋର ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଅନଶନରେ ବସିଥିଲେ। ଅପରାହ୍ନରେ ପାତ୍ରପୁର ତହସିଲଦାର ଅମିତ କୁମାର ନାୟକ ପହଞ୍ଚି କିଶୋରଙ୍କୁ ବୁଝାଶୁଝା କରି ଧାରଣାରୁ ଓହରାଇଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

## ପୁରୀରେ ଧରିତ୍ରୀ ଖବରଦାତାଙ୍କୁ ଆକ୍ରମଣ ଘଟଣା


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ।

**ଖଲ୍ଲିକୋଟ, ୭।୬(ଡି.ଏନ.ଏ.)**

ଖଲ୍ଲିକୋଟ ସାମ୍ବାଦିକ ସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ସ୍ଥାନୀୟ ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ପୁରୀରେ ଧରିତ୍ରୀ ଖବରଦାତାଙ୍କୁ ଆକ୍ରମଣ କରିଥିବା ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ସମସ୍ତ କାର୍ଯ୍ୟରତ ଖବରଦାତାଙ୍କୁ ସୁରକ୍ଷା ଯୋଗାଇବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଖଲ୍ଲିକୋଟ ସାମ୍ବାଦିକ ସଂଘର ବରିଷ୍ଠ ସାମ୍ବାଦିକ ବିଭୁ ପ୍ରସାଦ ପଟ୍ଟନାୟକ, ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ନଗେନ୍ଦ୍ର ନାଥ ସାହୁ, ପ୍ରଦୀପ୍ତ ସାହୁ, ଅମର ସାହୁ, ସରୋଜ କୁମାର ପଟ୍ଟନାୟକ ପ୍ରମୁଖ ପୋଲିସର ଅମାନୁଷିକତା ପ୍ରତି କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଥିଲେ।

## ଜିଲାପାଳଙ୍କ ସମୀକ୍ଷା ବୈଠକ

**ହିଞ୍ଜିଳିକାଟୁ,୭।୬(ଡି.ଏନ.ଏ.)**

ହିଞ୍ଜିଳିକାଟୁ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ସମସ୍ତ ଲାଇନ ଡିପାର୍ଟମେଣ୍ଟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଏଏସ୍ ପ୍ରୋବେସନର୍ ମଧୁସ୍ମିତା, ମୁଖ୍ୟମନ୍ତ୍ରୀ ପ୍ରତିନିଧି ଶରତ କୁମାର ମହାପାତ୍ର, ପଞ୍ଚାୟତ ସମିତି ହିଞ୍ଜିଳିକାଟୁ ଅଧ୍ୟକ୍ଷ ଏନ୍ ରଘୁନାଥ, ବିଡିଏ ସୁବ୍ରତ କୁମାର ଜେନା, ତହସିଲଦାର ପ୍ରଭାତ କୁମାର ପରିଡ଼ା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁଙ୍କ ସହ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ, ସାଉଥ କୋ, ଡାକ୍ତରଖାନା ଅଧିକ୍ଷକ, ସିଡିପିଓ, ଏଏସ୍‌ସିଓ ଓ ବ୍ଲକ ସ୍ତରର ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କରୋନା ପରିସ୍ଥିତିରେ ଯେମିତି ଉନ୍ନୟନ କାର୍ଯ୍ୟ ବନ୍ଦ ନ ହୁଏ ସେଥିପାଇଁ ଦୃଷ୍ଟି ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ବୁଲା ଗୋରୁଙ୍କୁ ଖାଦ୍ୟ ବଣ୍ଟନ

**ଜି.ଉଦୟଗିରି, ୭।୬(ଡି.ଏନ.ଏ.)**

କରୋନା ମହାମାରୀରେ ଦୋକାନ ବଜାର ବନ୍ଦ ସହିତ ହୋଟେଲ ମଧ୍ୟ ବନ୍ଦ ରହିଛି। ଫଳରେ ଅସହାୟ ମଣିଷ ସହିତ ବୁଲା ଗୋରୁ, କୁକୁର ଖାଦ୍ୟ ପାଇବା କଷ୍ଟକର ହୋଇପଡିଛି। ତେଣୁ ଏନ୍‌ଏସି ତରଫରୁ ସୋମବାର ସହରର ବିଭିନ୍ନ ସ୍ଥାନରେ ଏକ ଟିମ ବାହାରି ବିସ୍କୁଟ, ଗୋଖାଦ୍ୟ ସହିତ କଟା କଞ୍ଚା ପରିବା ଖାଇବାକୁ ଦିଆଯାଇଛି। ଏନ୍‌ଏସି କର୍ମଚାରୀ ଗଣେଶ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜୁ ନାୟକ, ଚୈତନ୍ୟ ମୁଖୀ, ଦିଗମ୍ବର ମୁଖୀ, ବୁଲୁ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ସରୁନି ରାସ୍ତା କାମ, ଯାତାୟାତ ବାଧାପ୍ରାପ୍ତ

**ରମ୍ଭା, ୭।୬**



ରାସ୍ତାକାମ ଚାଲୁ ରହିଛି।

୧୬ ନମ୍ବର ଜାତୀୟ ରାଜପଥର ବ୍ରହ୍ମପୁରରୁ କଟକ ୪ ଲାଇନ ବିଶିଷ୍ଟ ନବନିର୍ମିତ ସଡ଼କ ଓ ବ୍ରିଜ କାମ ଦୀର୍ଘଦିନ ଧରି ଚାଲୁ ରହିଛି। ଏହି ରାସ୍ତା କାମ ରାତିରେ ନ ହୋଇ ଦିନରେ ହେଉଥିବାରୁ ଯାତାୟାତରେ ବହୁ ଅସୁବିଧା ହେଉଛି। ଉକ୍ତ ରାସ୍ତା ତିଆରିରେ ସମ୍ପୃକ୍ତ ଠିକାଦାର ରମ୍ଭା ଜହମି ଛକଠାରୁ ସାବୁଲିୟା ବାଇପାସ ପ୍ରାୟ ୫ କିଲୋମିଟର ରାସ୍ତା କାମ ୨/୩ ବର୍ଷ ହେଲା ମନ୍ଥର ଗତିରେ ଚଳାଇଛନ୍ତି। ହେଲେ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ଦେଉନାହାନ୍ତି। ରମ୍ଭା ସହରର ଏହା ଏକ ମୁଖ୍ୟ ରାସ୍ତା ହୋଇଥିବାରୁ ସହର ମଧ୍ୟକୁ ଓ ବାହାରକୁ ସମସ୍ତ ଯାନବାହନ ଏହି ରାସ୍ତା ଦେଇ ଚଳାଚଳ କରିଥାନ୍ତି। ଦୀର୍ଘଦିନ ହେଲା ରାସ୍ତା କାମ ଚାଲିଥିବାରୁ ଯାନବାହନ ଗୁଡିକ ମୁହାଁମୁହିଁ ହୋଇ ଟ୍ରାଫିକ ସମସ୍ୟା ଓ ସଡ଼କ ଦୁର୍ଘଟଣା ହୋଇଥିବା ନଜିର ରହିଛି। ସେହିପରି ଉପରୋକ୍ତ ରାସ୍ତାରେ ଛାତ୍ରୀଛାତ୍ରମାନେ ଯାତାୟାତ କରିଥାନ୍ତି। ଉକ୍ତ ରାସ୍ତାର କାମ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ଚାଲୁ ରହିଥିବା ବେଳେ ଠିକାଦାରଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁ କାମରେ ବହୁ ବିଳମ୍ବ ଘଟୁଛି। ତେବେ ତୁରନ୍ତ କାମ ସାରି ଯାତାୟାତ ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

